# ଉତ୍ତରା ଓ ଉତ୍ତର ପୁରୁଷ

• ଦୀପକ ଦାସ

କୁନ୍ଦ କୁଟିକମକରା ବେଞ୍ଚର ଗୋଡ଼ ଚାରିଟା ଏବେ ବି ଘର କୋଣରେ ପଡ଼ିଛି । ଉପର ପଟାଟା କଣା ହେଲା କେଜାଣି ବୋଧହୁଏ ଦୁଆର କବାଟ ପଟା ହେଇ ଅତୀତକୁ ମନେ ପକଉଛି । ସେଇ ବେଞ୍ଚରେ ମଞ୍ଚ ଜଗତର ବହୁ ବଡ଼ବଡ଼ ଲୋକ ବସିବାର ମୁଁ ଦେଖିଛି । ଜଗନ୍ନାଥବଲ୍ଲଭସ୍ଥ (ରୋଭର୍ସଷ୍ଟ୍ରିଟ)ରେ ଆମ ପୂର୍ବପୁରୁଷଙ୍କ ଘର । କଡ଼ି ବରଗା-ଖିଲଣମରା କୋଠାଘର - ବାପ ଜେଜେଙ୍କର ସେଇଟା ଜନ୍ମ ସ୍ଥାନ । ଖଟବିନ୍ ସାହିରେ ଆମର ଆଉ ଏକ ଘର । ମାଟିକାନ୍ଥ, ଚାଳ ଛପର ଘର । ପୁଅ ହେବା ନିଶାରେ ୧୯୬୦ ମସିହା ବେଳକୁ ବାବା ସେ ଘରକୁ ଉଠି ଗଲେ । ଦି'ଟା ଘରର ଦୂରତା ଡାକେ ବାଟ । ଖଟବିନ୍ ସାହି ଘରେ ମୁଁ କୁଆଁ କୁଆଁ ଡାକିଲି - ମୋ ପିଲାଦିନ କଟିଲା ।

ଥିଏଟର ଯୁଗ ପୂର୍ବରୁ ୧୯୩୮/୩୯ ମସିହା ବେଳକୁ ରାସଲୀଳା ହିଁ ଆମ ସଂସ୍କୃତିକୁ ରୁଦ୍ଧିବନ୍ତ କରିଥିଲା । ରାଧାକୃଷ୍ଣ ପ୍ରେମଗାଥାକୁ ନେଇ ଗୀତ, ନୃତ୍ୟ ଏବଂ ବଚନିକା ମାଧ୍ୟମରେ ପରିବେଷଣ କରାଯାଉଥିଲା । ଆମ ଜଗନ୍ନାଥ ବଲ୍ଲଭସ୍ଥ ବାସଭବନରେ ସେହି ସମୟରେ ଏକ ରାସପାର୍ଟି ଥିଲା । 'ରାଇ କିଶୋରୀ' - ବଂଶୀବିନୋଦ ପ୍ରଭୃତି ରାସଲୀଳା ଓଡ଼ିଶାର ପୂରପଲ୍ଲୀରେ ଯାଇ ପରିବେଷଣ କରାଯାଉଥିଲା । ବାବା (କିଶୋରକବି ଶ୍ୟାମସୁନ୍ଦର ଦାସ) ଥିଲେ ରାସପାର୍ଟିର ମାଷ୍ଟର ଓ ଓସ୍ତାଦ୍ । ଆମ ଘରେ ଆଖଡ଼ାଶାଳ ଥିଲା । ହଣ୍ଡା କଡ଼େଇରେ ରନ୍ଧା ଚାଲିଥିଲା । ଜେଜେ ଶାନ୍ତକବି ରାମଚନ୍ଦ୍ର ଦାସ ସବୁ ସମ୍ଭାଳୁ ଥିଲେ । ବାବା ଗୋଟିଏ ପୁଅ ହେତୁ ଘରୁ ଖାଇ ଘୋଡ଼ା ଚଢୁଥିଲେ - ସବୁ ସମୟରେ ନାଟ ତାମସାରେ ମସଗୁଲ ରହୁଥିଲେ । ଗାଉଣା ବାଜଣା ଚାଲିଥିଲା । ସେତେବେଳକୁ ଜୟପୁର ରାଜାଙ୍କ ଠାରୁ ସେ 'କିଶୋର କବି' ଉପାଧି ପାଇସାରିଲେଣି ସୁନାମ ଅର୍ଜନ କଲେଣି । ଓଡ଼ିଶାରେ ଜଣେ ବିଶିଷ୍ଟ ନାଟ୍ୟାନୁରାଗୀ ଓ ସଂଗୀତ ନିର୍ଦ୍ଦେଶକ ଭାବରେ ସୁନାମ ଅର୍ଜନ କଲେଣି । ଥିଏଟର ଯୁଗ ଆସିବା ପରେ ପ୍ରାୟତଃ ସବୁ ରଂଗମଞ୍ଚ (ଅନ୍ନପୂର୍ଣ୍ଣା ଥିଏଟର - ପୁରୀ ଓ କଟକ, ରୂପଶ୍ରୀ, କଳାଶ୍ରୀ ଓ ଜନତା)ରେ କିଶୋର କବି ପ୍ରାୟତଃ ସବୁ ନାଟକରେ ସଂଗୀତ ନିର୍ଦ୍ଦେଶନା ଦେଇ ତତ୍କାଳିନ (୧୯୩୮ - ୧୯୭୮) ମସିହା ବେଳକୁ ଜଣେ ଅପ୍ରତିଦ୍ୱନ୍ଦୀ ମଞ୍ଚ ସଂଗୀତନିର୍ଦ୍ଦେଶକ ଭାବରେ ସୁପରିଚିତ ହୋଇସାରିଥାନ୍ତି । ଏହି କ୍ରମରେ ଆମ ଦାଣ୍ଡ ଘରେ ପଡ଼ିଥିବା ସେଇ କୁନ୍ଦମରା ବେଞ୍ଚରେ ଅନେକ ପ୍ରସିଦ୍ଧ ନାଟ୍ୟକାର ଓ ନିର୍ଦ୍ଦେଶକ ଯେମିତିକି, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଂଜକିଶୋର ପଟ୍ଟନାୟକ, କାର୍ତ୍ତିକ କୁମାର ଘୋଷ, ବ୍ୟୋମକେଶ ତ୍ରିପାଠୀ, ସାମୁଏଲ ସାହୁ (ବାବି), ଦୁଃଖିରାମ ସ୍ୱାଇଁ, ନଟବର ସେଣ, ପଙ୍କଜ ଚରଣ ଦାସ, କେଳୁ ଚରଣ ମହାପାତ୍ର, ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ୍ ପ୍ରଭୃତି ଙ୍କୁ ମୁଁ ପାଖରୁ ଦେଖିଛି । ବର୍ଷେ ବର୍ଷେ ଛାଉଣି ହେଇନଥିବା ମଉଡ଼ମରା ଚାଳଘର, ମାଟି କାନ୍ଥ - ବର୍ଷାଦିନେ ବାରମ୍ବାର ଭାଙ୍ଗିପଡୁଥିବା ମାଟି ପିଣ୍ଡା । ସେଇ ଘର - ସେ ସମୟରେ ନାଟ୍ୟ ଜଗତର ଏକ ପେଣ୍ଠ ଜାଗା ଥିଲା - ଆଳାପ ଆଲୋଚନା ହେଉଥିଲା - ଅଭାବ ଭିତରର ମାନସ ମନ୍ଥନରେ କେତେ ଯେ ଅମୃତ ବାହାରିଛି - ତାର ହିସାବ ନାହିଁ ।

ଏଇ ପ୍ଲାବନ ସମୟରେ କଟକର ସଂସ୍କୃତି ବିହାର ଭେଟିଦିଏ ବାଲିଯାତ୍ରା ସମୟରେ ଗଣକବି ବୈଷ୍ଣବ ପାଣିଙ୍କର ଗୀତିନାଟ୍ୟ ଉତ୍ସବ । ଏକ ନିଆରା ଢଙ୍ଗରେ - ବାରବାଟୀ ଦୁର୍ଗ ଗଡ଼ଖାଇ ସେପଟେ ଏ ଉତ୍ସବର ପରିକଳ୍ପନା ଓ ଆୟୋଜନ ହେଉଥିଲା । ଗଡ଼ଖାଇ ସେପଟେ ଗଡ଼ଦ୍ୱାର ଡାହାଣ ପଟରେ ବିସ୍ତିର୍ଣ୍ଣ ପ୍ରାନ୍ତର । ପଛପଟେ ରାଜାଘର ବଡ଼ପୋଖରୀ ତାରି ହୁଡ଼ାରେ .. ସାମନାରେ ପାଣ୍ଡବ ଶିବିର ଓ କୌରବ ଶିବିର । ପଛପଟେ ଦି'ଟା ରଥ ହାତୀ... ଘୋଡ଼ା ସୈନ୍ୟ ସାମନ୍ତଙ୍କର ଆତଯାତ । ତାର ଦ୍ୱାରା ବିଭିନ୍ନ ଅସ୍ତ୍ରର ପ୍ରୟୋଗ - ଚମତ୍କାର ଦୃଶ୍ୟ । ଯିଏ ସେସବୁ ଦୃଶ୍ୟ ନ ଦେଖିଛି ସେ କଳ୍ପନା କରି ପାରିବନି । ଅପୂର୍ବ ମହକ ଥିଲା ସେ ସମୟରେ ।

୧୯୬୬ ମସିହାର ଘଟଣା । ସଂଭବତଃ ସେଇ ବର୍ଷ ପ୍ରଥମ କରି ଗଡ଼ଖାଇ ସେପଟେ ସଂସ୍କୃତି ବିହାର ଗୀତିନାଟ୍ୟ ପରିବେଷଣ କରିଥିଲା 'ଗୋଧନ ହରଣ' - ନୂଆ ଢଙ୍ଗରେ ପରିକଳ୍ପନା କରିଥାନ୍ତି ଧିରେନ୍ ଦାଶ - ସେ ଆମ ଘରକୁ ଆସନ୍ତି । ସଂଗୀତ ବିଷୟରେ ବାବାଙ୍କ ସହ ଆଲୋଚନା କରନ୍ତି । ଆରମ୍ଭରୁ ଦୀର୍ଘ ବର୍ଷଧରି ବାବା ହିଁ ସଂସ୍କୃତି ବିହାରର ସଂଗୀତ ନିର୍ଦ୍ଦେଶକ ରହି ଆସିଥିଲେ । ସେ ନାଟକ ମୁଁ ଦେଖିଛି ପଡ଼ିଆରେ - ଧିରେନ୍ ଦାଶ ନିଜେ ଏକ ସୈନିକ ହେଇ ପଡ଼ିଆ ସାରା ବୁଲି ବୁଲି ତଦାରଖ କରିଥାନ୍ତି । ବିଜୟ ଚକ୍ରବର୍ତ୍ତୀ - ଦୁର୍ଯ୍ୟୋଧନ,

ନାରାୟଣ ସିଂ - ଅର୍ଜୁନ, ଦୟାନ୍ - ଶ୍ରୀକୃଷ୍ଣ, କୃଷ୍ଣଚନ୍ଦ୍ର ପାଣ୍ଡେ - ଶକୁନି, ବଟ କୃଷ୍ଣ ବେହେରା - ଭୀମ, ପ୍ରଫୁଲ ସିଂ - ଦ୍ରୌପଦୀ, ଆଃ... କି ଚମତ୍କାର ଅଭିନୟ - ରୂପସଜ୍ଜା ଓ ପରିକଳ୍ପନା । କିଶୋର କବିଙ୍କ ସାଙ୍ଗରେ ପାଳି ଧରୁଥିଲେ ସ୍ୱରୂପ ନାଏକ (ଏବର ପ୍ରସିଦ୍ଧ ସଙ୍ଗୀତନିର୍ଦ୍ଦେଶକ)- ନିର୍ମଳ କାନ୍ତି ସେନ୍, ସରୋଜ ସିଂ, ଶିବେନ୍ ସେନ୍, ଶୁଭାଶୀଷ ସେନ୍, ଅରୁଣ ଦେ ପ୍ରମୁଖ - କି ମତୁଆଲା ପରିବେଶ । କି ନିଆରା ଦୃଶ୍ୟ - । ସେ ଦିନର ଅଦମ୍ୟ ଉତ୍ସାହ... ଉଦ୍ଦିପନା ଏବେ ଖୋଜିଲେ ମିଳିବନି । ସଂସ୍କୃତି ବିହାର 'ଗୋଧନ ହରଣ' ପରେ ଏତେ ନାଁ କରିଗଲା ଯେ ଗୀତିନାଟ୍ୟ ଉତ୍ସବ ବାଲିଯାତ୍ରାର ଏକ ଅଂଶ ବିଶେଷ ହୋଇଗଲା ।

ଦିନ ଗଡ଼ିଗଲା - ସଂସ୍କୃତି ବିହାର ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟର ପ୍ରଚାର ଓ ପ୍ରସାରରେ ବ୍ରତୀ ହୋଇଯିବାରୁ ମୁଁ ଭଲ ପାଇ ବସିଲି । କଳାକାର ପରିବାର ହେତୁ ମୁଁ ବି କ୍ରମଶଃ ନାଟକରେ ଅଭିନୟ କଲିଣି । ୧୯୬୯ / ୭୦ ମସିହାରୁ ନାଟକ ଲେଖିବା, ନିର୍ଦ୍ଦେଶନା ଦେବା ଓ ପରିବେଷଣ କରିବା ମୋର ନିଶା ହେଇଗଲାଣି । ୧୯୭୬ ମସିହା ବେଳକୁ ମୋର ବହୁଚର୍ଚ୍ଚିତ ପୌରାଣିକ ନାଟକ 'ଶ୍ରୀ ଦୁର୍ଗା' ପ୍ରକାଶିତ ହୋଇ ଗଲାଣି । ୧୯୭୭ ମସିହା ଐତିହାସିକ ନାଟକ 'ନୂରଜାହାନ୍' ପ୍ରକାଶିତ ହେଲାଣି । ନାଟ୍ୟକାର ହେତୁ ସଭାସମିତିରେ ଅତିଥି ହେଲିଣି । ନିଗଡ଼ କଟିକିଆ ଓ ବଡ଼ବାପର ଛୁଆ ହେତୁ କ୍ରମଶଃ ଅଜଣତରେ ଝାପସା ଅହଂକାର ବି ହେଲାଣି ।

୧୯୭୭ ମସିହାର କଥା । ଆମ ଘରେ ସେଇ ବେଞ୍ଚରେ ଧିରେନ୍ ଦାସ ବସିଥାନ୍ତି । ସମ୍ଭବତଃ ସେ ବର୍ଷ 'ଅଭିମନ୍ୟୁ ବଧ' ଗୀତିନାଟ୍ୟ ହେବାର ସ୍ଥିରିକୃତ ହୋଇଥାଏ । ମୁଁ ନିଜକୁ ବଡ଼ ପାରିବର ଭାବି 'ଅଭିମନ୍ୟୁ' ହେବି ବୋଲି ହେଣ୍ଡି ମାରୁଥାଏ । ମୁଁ ଧିରେନ୍ ସାର୍‌ଙ୍କ ପାଖକୁ ଯାଇ ଅଭିନୟ କରିବି ବୋଲି କହିଲି । ସେ ଖୁସିହେଲେ କହିଲେ, ...କି କଥା, ତୁମେ କିଶୋର କବିଙ୍କ ପୁଅ- ସଂସ୍କୃତିବିହାର ଗୀତିନାଟ୍ୟରେ ସେ ଜଣେ ମୁଖ୍ୟ ଅଂଶ- ସ୍ୱର ଓ ଗୀତକୁ ଛାଡ଼ି ଗୀତିନାଟ୍ୟର ଅର୍ଥ କ'ଣ ? ମୁଁ ଖୁସିହେବି- ତୁମେ ବାପର ନାଁ ରଖିବ- ମୁଁ ଭାବୁଛି ତୁମେ ନିଶ୍ଚେ ପାରିବ । ମୁଁ କହିବାକୁ ବାହାରିଥିଲି ମୁଁ 'ଅଭିମନ୍ୟୁ' ହୁଅନ୍ତି - ତା ପୂର୍ବରୁ ସେ କହିଲେ - ... ତୁମେ 'ଉତ୍ତରା ହେବ - ବେଶ ମାନିବ ଏବଂ ତୁମେ ପାରିବ ।' ମୋ ପାରିବା ବିଷୟରେ ବଖାଣିଲି, ସେ କହିଲେ ଗଡ଼ଖାଇ ଗୋଟିଏ ପଟେ ଦର୍ଶକ ଓ ଆରପଟେ ଅଭିନେତା - ଅଭିନୟର ସୂକ୍ଷ୍ମ କରିଶ୍ମା ଲୋକଙ୍କୁ ଦିଶିବ ନାହିଁ, ଦୂରରୁ ଯାହା ଭଲ ଦିଶିବ ତାହା ହିଁ ଏ ଉତ୍ସବର ବିଶେଷତ୍ୱ । ତୁମେ 'ଉତ୍ତରା' ଭୂମିକା ନିଅ - ନିଜକୁ ମନେ ରଖିବ । ମୋ ଇଚ୍ଛା ଉପରେ ଯେମିତି ବାଲ୍ଟିଏ ପାଣି ପଡ଼ିଗଲା, ମୁଁ ଭାବିଥିଲି 'ଅଭିମନ୍ୟୁ' ହେବାକୁ ସେ କିନ୍ତୁ 'ଉତ୍ତରା' ବିଷୟରେ କହିଲେ, ବାବା ଘର ଭିତରକୁ ପଶି ଆସିଲେ କଥା ସମ୍ଭବତଃ ସେଇଠି ଅଟକି ଗଲା । ମୁଁ 'ଉତ୍ତରା' ଚରିତ୍ର ନେଲି ନାହିଁ । ପୁଅ ହେଇ ଝିଅ ପିଲା ଚରିତ୍ର କରିବି - ଛି... ଲାଜ ଲାଗିବ ।

ଏବେ ବି ଧିରେନ୍ ଦାସଙ୍କ କଥା ମନେପଡ଼େ । ତାଙ୍କ କଥାକୁ ନ ମାନି ଯେଉଁ ଭୁଲ୍ କଲି ତା' ଆଉ ଫେରିବ ନାହିଁ । ସେତେବେଳକୁ ସିନା ଅଭିନୟ କରୁଥିଲି କିନ୍ତୁ ଅଭିନୟର ଅର୍ଥ... ବିଶେଷତ୍ୱ ଏବଂ ପାରଙ୍ଗମତା ବୁଝିନଥିଲି । ନାରୀ ଚରିତ୍ରରେ ଯେ ମୁଁ ଅଭିନୟ କରିଛି ଏ ଗର୍ବ କରିବାର ଏକ ଅପୂର୍ବ ସୁଯୋଗ ଆସିଥିଲା । ପୁଣି ସଂସ୍କୃତି ବିହାର ପରି ପ୍ରସିଦ୍ଧ ଅନୁଷ୍ଠାନରେ ବାଲିଯାତ୍ରା ମଞ୍ଚରେ ସେ ସୁଯୋଗକୁ ମୁଁ ହାତଛଡ଼ା କରିଛି । ମୁଁ 'ଉତ୍ତରା' ହେଲିନି ସତ କିନ୍ତୁ 'ଉତ୍ତର ପୁରୁଷ' ହେବାକୁ ଚେଷ୍ଟା କଲି । ଶିକ୍ଷା ଟେଲିଭିଜନରେ ପ୍ରଯୋଜକ ଭାବରେ ଚାକିରି କରୁଥିବା ସମୟରେ ଅନେକ ଗୀତିନାଟ୍ୟ କରାଇଛି - ଗଣକବି ବୈଷ୍ଣବ ପାଣିଙ୍କ ଉପରେ ଏକ ବୃତ୍ତ ଚିତ୍ର ମଧ୍ୟ କରିଛି । ଏହା ମୋର ସୌଭାଗ୍ୟ ।

ଗଡ଼ଖାଇ ସେପଟେ ଯେଉଁ ଯାଗାରେ ବାଲି ଯାତ୍ରା ସମୟରେ ଗୀତିନାଟ୍ୟ ହେଉଥିଲା ଏବେ ସେଠାରେ ଆଉ ହେଉନି । ମହାନଦୀ ପଠାରେ ବୈଷ୍ଣବ ପାଣି ମଣ୍ଡପରେ ଗୀତିନାଟ୍ୟ ହେଉଛି । ବର୍ଷେ ବର୍ଷେ ଦୂରରୁ ନଜର ପକାଏ । କିନ୍ତୁ ସେଦିନର ମହକ ପାଏନି । ଆଜି କିଶୋର କବି ନାହାନ୍ତି, ଧିରେନ୍ ଦାସ ନାହାନ୍ତି, କୃଷ୍ଣ ଚନ୍ଦ୍ର ପାଣ୍ଡେ ପ୍ରଭୃତି ଅନେକେ ଆମ୍ଭମାନଙ୍କ ଗହଣରେ ନାହାନ୍ତି କିନ୍ତୁ ସେମାନେ ଆମ୍ଭମାନଙ୍କର ମନରେ ଅଛନ୍ତି - ରହିବେ ଚିର ଅମର ହୋଇ ।

ଆମର ସଂସ୍କୃତି ଓ ପରମ୍ପରାକୁ 'ସଂସ୍କୃତି ବିହାର' ଉଜ୍ଜୀବିତ କରି ରଖିବ ଏ ବିଶ୍ୱାସ ଆମର ଅଛି । ସମୟ ଆସୁ ପୁଣି ଏକ ଚମକପ୍ରଦ ଘଟଣା ଘଟୁ ଆମର ଭବିଷ୍ୟତ ମାନଙ୍କ ପାଇଁ । ଉତ୍ତରା ନହେଲେ ନାହିଁ ଓଡ଼ିଶାର ସଂସ୍କୃତିକୁ ଆଗକୁ ନେବା ପାଇଁ ଅନେକେ ଉତ୍ତର ପୁରୁଷ ସୃଷ୍ଟି ହୁଅନ୍ତି ଏହା ହିଁ କାମନା ।

*କିଶୋର କବି କଳା କଳ୍ପନା, ଖଟବିନ୍ ସାହି - କଟକ - ୧*

*ଫୋନ୍ ନଂ - ୯୩୩୭୮୮୭୩୭୨*